*This Question Paper contains 8 printed pages.*
***(Sections - A, B, C, D & E)***

Sl.No. 0098

# 09 (O)

**(MAY, 2021)**

***Time : 3 Hours]*** ***[Maximum Marks : 80***

ସୂଚନା:

1. ହସ୍ତଲେଖନ ସ୍ପଷ୍ଟ ଭାବେ ଲେଖନ୍ତୁ ।
2. ଏହି ପ୍ରଶ୍ନପତ୍ରରେ ପାଞ୍ଚଟି ବିଭାଗ ରହିଛି । A, B, C, D ଏବଂ E ଏବଂ ମୋଟ 1 ରୁ 54 ପ୍ରଶ୍ନ ରହଛି ।
3. ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଅଟେ, ଆନ୍ତରିକ ବିକଳ୍ପ ଦିଆଯାଇଅଛି ।
4. ଡାହାଣ ପାର୍ଶ୍ଵରେ ଅଙ୍କ ଗୁଡିକର ମୂଲ୍ୟ ଦିଆଯାଇଅଛି ।
5. ସୂଚନା ଅନୁସାରେ ଆକୃତି ଗୁଡିକୁ ସ୍ଵଚ୍ଛ, ସ୍ପଷ୍ଟ ଏବଂ ଉଚିତ ପ୍ରମାଣ ଦେଇ ଲେଖନ୍ତୁ ।
6. ନୂତନ ବିଭାଗ ଏବଂ ନୂତନ ପ୍ରଶ୍ନ ପତ୍ରରେ ଲେଖନ୍ତୁ । ପ୍ରଶ୍ନଗୁଡିକର ଉତ୍ତର କ୍ରମାନୁସାରେ ଦିଅନ୍ତୁ ।

## ବିଭାଗ - A

### (ପଦ୍ୟ)

**ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେ କୌଣସି 1ଟିର ଉତ୍ତର ପ୍ରାୟ 150ଟି ଶବ୍ଦରେ ଲେଖ ।**

1) ''ମଙ୍ଗଳେ ଅଇଲା ଉଷା'' କବିତା ଅନୁସାରେ ବାଲ୍ମିକୀ ଆଶ୍ରମରେ ପ୍ରଭାତକାଳୀନ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କର । [5]

ଅଥବା

2) ''ଚିଲିକାରେ ସାୟନ୍ତନ ଦୃଶ୍ୟ'' କବିତା ଅନୁସରଣରେ ଚିଲିକାର ସନ୍ଧ୍ୟାକାଳୀନ ଦୃଶ୍ୟ ବର୍ଣ୍ଣନା କର । [5]

ଅଥବା

3) କବି ମାଟି ମାଆର ଜୟଗାନରେ ଶତମୁଖ ଏହାକୁ ପଠିତ କବିତା ଅନୁସରଣରେ ବର୍ଣ୍ଣନା କର । [5]

**ସପ୍ରସଙ୍ଗ ସରଳାର୍ଥ ଲେଖ (1ଟିର)**

4) ଜନମ କାଳୁ ଯେ ଦେହେ ତୋ ଆଘାତ [4]

କେତେ ନ ଦେଇଛି ମୁହିଁ

ନିଜ ଛୁଆ ବୋଲି ସବୁ ଦୋଷ ସିନା

କ୍ଷମି ଅଛୁ ଏକା ତୁହି ।

ଅଥବା

5) ଦେବା ପାଇଁ ନବ ଜୀବନ [4]

ସ୍ୱର୍ଗୁଁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ ।

6) ମାଟିର ମା' ଆମ ଦୋଷକୁ କାହିଁକି କ୍ଷମା କରିଛି ? [2]

7) ମର୍ତ୍ତ୍ୟଭୁବନକୁ ଉଷା ଆସିବାର କାରଣ କ'ଣ ? [2]

8) କବି କାହାକୁ ମା ବୋଲି କହିଛନ୍ତି ଏବଂ କାହିଁକି ? [2]

ଅଥବା

ତମସା ନଦୀ କି ଆୟୋଜନ କରି ସୀତାଙ୍କର ଆଗମନକୁ ଅପେକ୍ଷା କରିଥିଲେ ? [2]

## ବିଭାଗ – B

### (ଗଦ୍ୟ)

**ନିମ୍ନଲିଖିତ ମଧ୍ୟରୁ ଯେ କୌଣସି 1ଟିର ପ୍ରାୟ 150ଟି ଶବ୍ଦରେ ଲେଖ । (ଦୀର୍ଘ ଉତ୍ତର ମୂଳକ)**

9) ମନୁଷ୍ୟକୁ ବହୁ ପରିମାଣରେ ପରମ୍ପରାର ଦାସ ବୋଲି କହିବାର ଯଥାର୍ଥତା କ'ଣ ? [5]

ଅଥବା

10) ବିବେକାନନ୍ଦଙ୍କର ଭାରତ ପରିଭ୍ରମଣର – ଉଦ୍ଦେଶ୍ୟ ଓ ପରିଣତି ଆଲୋଚନା କର । [5]

**ସପ୍ରସଙ୍ଗ ସରଳାର୍ଥ ଲେଖ (1ଟିର)**

11) ସମୟ-ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି । [4]

ଅଥବା

12) ଭାରତୀୟ ଦର୍ଶନରେ ମନୁଷ୍ୟର ସେବା ହିଁ ଈଶ୍ୱର ସେବା । [4]

**କ୍ଷୁଦ୍ର ଉତ୍ତରମୂଳକ**

13) ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କ'ଣ ହୋଇଥିଲା ? [2]

14) ଓଡ଼ିଆ ସାହିତ୍ୟର ଇତିହାସ - କେଉଁ କେଉଁ ଗବେଷକ ଲେଖିଅଛନ୍ତି ? [2]

15) ଜନତା ଜନାର୍ଦ୍ଦନ କାହିଁକି ଅବହେଳିତ ଅବସ୍ଥାରେ ଥିଲେ ? [2]

ଅଥବା

ଭାରତୀୟ ସ୍ୱାଧିନତା ସଂଗ୍ରାମକୁ ଜନମାନସରେ ପରିଚିତି କରିବା ପାଇଁ ଜାତୀୟ ଉଦ୍‌ବୋଧନ ମୂଳକ ଓଡ଼ିଆ ଗୀତିକା କେଉଁମାନେ ରଚନା କରିଥିଲେ ? [2]

## ବିଭାଗ - C

## (ଗଳ୍ପ ଏବଂ ସମ୍ପ୍ରସାରଣ)

**ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ 40ଟି ଶବ୍ଦରେ ଲେଖ ।**

16) କାଠୁରିଆ ହାତକୁ ଦି ଖଣ୍ଡ ଦି-ଟଙ୍କିଆ ନୋଟ ବଢ଼ାଇଦେଇ ଲେଖକ ତାକୁ କେତେ ପଇସା ମାଗିଲେ ? [2]

ଅଥବା

କିଏ ଅକୃତଜ୍ଞ ବୋଲି ନଟବର ବାବୁ ଭାବିଛନ୍ତି ଏବଂ କାହିଁକି ? [2]

17) କାଠୁରିଆକୁ ହିତ କଥା ନ ପଚାରି ନ ଶୁଣାଇ ଲେଖକ କ'ଣ ଦେଖିବାକୁ ଲାଗିଲେ ? [2]

18) ଧରମା ଶେଷରେ କେଉଁଠି ଝାସ ଦେଇଛି ଏବଂ କାହିଁକି ? [2]

**ଭାବାର୍ଥ ଲେଖ (1ଟିର)**

19) ଶିକ୍ଷକ ଜଣେ ସାଧାରଣ ଲୋକ ନୁହନ୍ତି । [4]

ଅଥବା

20) ବସି ଖାଇଲେ ନଈ ବାଲି ସରେ । [4]

ଅଥବା

21) ଅତି ଲେମ୍ବୁ ଚିପିଡ଼ିଲେ ପିତା । [4]

**ଭାବ ସମ୍ପ୍ରସାରଣ କରି ଲେଖ ।**

22) ବାଳକେ ମୋର ବୋଲ କର [4]

ସତ୍ୟ କହିବ ନିରନ୍ତର ।

ଅଥବା

23) ଉଚ୍ଚ ଲୋକଠାରେ ଉଚ୍ଚ ଆଶା କଲେ [4]

ନ ହୁଏ କେବେ ନିଷ୍ଫଳ

ଜଳ ସ୍ତମ୍ଭ ଯେବେ ଉର୍ଦ୍ଧ୍ୱକୁ ଉଠଇ

ବୋହି ନିଏ ମେଘ ଜଳ ।

ଅଥବା

24) କହିବା କରିବା ଠାରୁ ଭିନ୍ନ ଯେଉଁଠି [4]

ଧର୍ମ ନୁହେଁ ଅଧର୍ମ ସେଇଠି ।

## ବିଭାଗ – D

### (ବ୍ୟାକରଣ ଏବଂ ଅତିକ୍ଷୁଦ୍ର)

25) ଆସକ୍ତି କାହାର ଲକ୍ଷଣ ? [1]

(A) ବାକ୍ୟ

(B) ସେବା

(C) ବିଶେଷ୍ୟ

(D) କ୍ରିୟା

26) ଖଣ୍ଡବାକ୍ୟର ଏକ ଉଦାହରଣ ଲେଖ । [1]

27) ସୀତା <u>ଗୀତ</u> ଗାଏ । [1]

ରେଖାଙ୍କିତ ଶବ୍ଦ କେଉଁ ପଦ ।

(A) କର୍ତ୍ତା (B) କର୍ମ

(C) କ୍ରିୟା (D) ଅବ୍ୟୟ

28) <u>ଛାତ୍ରମାନେ</u> ସ୍କୁଲକୁ ଯାଉଛନ୍ତି ? [1]

ରେଖାଙ୍କିତ ଶବ୍ଦକୁ ପ୍ରଶ୍ନସୂଚକ ପଦରେ ପରିଣତ କର ।

29) ମୋର ବାପା ଜଣେ ବୟସ୍କ ଲୋକ ଅଟନ୍ତି । ଏଠାରେ ''ମୋର ବାପା'' କେଉଁ ପୁରୁଷ ଏବଂ କେଉଁ ବଚନ? [1]

30) ଗୋଟିଏ ସରଳ ବାକ୍ୟର ଉଦାହରଣ ଲେଖ । [1]

**ସଂକ୍ଷିପ୍ତ ମୂଳକ**

31) ବାସ – ଶବ୍ଦ ଦ୍ୱୟର ଅର୍ଥଗତ ଲେଖ [1]

ବାସ –

32) ''ଥଇଥାନ'' ଶବ୍ଦର ବାକ୍ୟ ଗଠନ କର । [1]

33) ଶୁଦ୍ଧ ଶବ୍ଦ ଲେଖ । [1]

(A) ସୁର୍ଯ୍ୟ (B) ଷୂର୍ଯ୍ୟ

(C) ଶୁଯ୍ୟ (D) ସୂର୍ଯ୍ୟ

34) ଆପଣ କ'ଣ ଖାଇବେ ? ଏହା କେଉଁ ବାକ୍ୟ ? [1]

(A) ଆସ୍ତିସୂଚକ (B) ପ୍ରଶ୍ନସୂଚକ

(C) ନାସ୍ତିସୂଚକ (D) ବିସ୍ମୟ ସୂଚକ

35) ''ଅନ୍ଧ ବୁଝାମଣା'' ରୂଢ଼ିର ଅର୍ଥ କ'ଣ ? [1]

(A) ଜପା ମାଳି (B) ଅତି ପ୍ରିୟ

(C) ଶୁଖିଲା ନଦୀ (D) ଅନ୍ୟାୟ ବିଚାର

36) ''ବଙ୍ଗଳା ଶ୍ରୀ'' ଛନ୍ଦର ଏକ କାବ୍ୟାଂଶ ଲେଖ । [1]

37) ''ଜଳ'' ଦୁଇଟି ପ୍ରତିଶବ୍ଦ ଲେଖ । [1]

38) ଗଦ୍ୟ ରୂପ ଲେଖ । ''ମୁକତି'' [1]

39) ଗୋଟିଏ ପଦରେ ଲେଖ । [1]

ପବନର ପୁତ୍ର = ______________

**<u>ଅତିକ୍ଷୁଦ୍ର ମୂଳକ</u>**

**40)** ''ଅତି ବିଶ୍ୱାସ'' ଶବ୍ଦର ରୂଢ଼ି କ'ଣ ହେବ ? **[1]**

(A) ବାଆାକୁ ବତା

(B) ଦୁଃଖ ଉପରେ ଦୁଃଖ

(C) ଦେହଲଗା

(D) ଝାଳବୁହା ଧନ

**41)** ସନ୍ଧି କର : ନିତ୍ୟାନନ୍ଦ **[1]**

**42)** ବିବେକୀ କାହାର କୃତି ? **[1]**

**43)** ସମାସ କର : ଭାଗ୍ୟଫଳ **[1]**

**44)** ରୂପକ ଅଲଙ୍କାରର ଏକ ଉଦାହରଣ ଲେଖ । **[1]**

**45)** ''ଅତିବୁଦ୍ଧିଆ'' ଶବ୍ଦର ରୂଢ଼ି କ'ଣ ହେବ ? **[1]**

**46)** ପୁରୁଷ କେତେ ପ୍ରକାରର ? **[1]**

**47)** ''ସୁରତ'' ଶବ୍ଦର ଅକ୍ଷର ସଂଖ୍ୟା କେତେ ? **[1]**

**48)** ''ଓଡ଼ିଶା'' ଶବ୍ଦର ବର୍ଣ୍ଣ ସଂଖ୍ୟା କେତେ ? **[1]**

ଅଥବା

**49)** <u>ସେ</u> ଭାତ ଖାଉଅଛି । ରେଖାଙ୍କିତ ଶବ୍ଦକୁ ନେଇ ପ୍ରଶ୍ନସୂଚକ ବାକ୍ୟରେ ପରିଣତ କର । **[1]**

## ବିଭାଗ - E

## (ପ୍ରବନ୍ଧ ଏବଂ ପତ୍ର)

**ନିମ୍ନଲିଖିତ ମଧ୍ୟରୁ ଯେ କୌଣସି 1ଟିର ପ୍ରବନ୍ଧ 150ଟି ଶବ୍ଦରେ ଲେଖ ।**

**50)** ଆଦର୍ଶ ଶିକ୍ଷକ । **[7]**

ସୂଚନା:- (1) ଉପକ୍ରମ (2) ସହାନୁଭୂତି (3) ଶିକ୍ଷାଦାନର ପ୍ରଣାଳୀ (4) ଉପସଂହାର

ଅଥବା

**51)** ପରିଶ୍ରମର ମହତ୍ତ୍ୱ: **[7]**

ସୂଚନା:- (1) ଉପକ୍ରମ (2) ପରିଶ୍ରମର ତାତ୍ପର୍ଯ୍ୟ (3) ପରିଶ୍ରମର ଫଳ (4) ଉପସଂହାର

ଅଥବା

**52)** ସାମରିକ ବାହିନୀ: **[7]**

ସୂଚନା:- (1) ଉପକ୍ରମ (2) ପ୍ରକାର (3) କର୍ତ୍ତବ୍ୟ (4) ବଳିଦାନ (5) ଉପସଂହାର

## <u>ପତ୍ରଲେଖନ</u> (1ଟିର) ଲେଖ

**53)** ତୁମ ଅଞ୍ଚଳର ରାସ୍ତାଘାଟ ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ନିକଟଙ୍କୁ ଏକ ଆବେଦନ ପତ୍ର ଲେଖ । **[5]**

ଅଥବା

**54)** ପାଞ୍ଚଦିନ ଛୁଟି ପାଇଁ ତୁମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିକଟଙ୍କୁ ଏକ ଆବେଦନ ପତ୍ର ଲେଖ । **[5]**

*****